## ANNUAL EXAMINATION, 2021-22

- Check that this question paper contains **4** printed pages.
- Check that this question paper contains **14** questions.
- Write down the Serial Number of the question in the left side of the margin before attempting it.

# CLASS-VIII
# SUB: HIGHER ODIA

**Time: 3 hours** **Maximum Mark:80**

ସୂଚନା-ଏହି ପ୍ରଶ୍ନପତ୍ରରେ ଚାରିଗୋଟି ବିଭାଗ ରହିଛି ।
କ) ପଠନ -Reading- 10 Marks
ଖ) ଲିଖନ -Writing 15 - Marks
ଗ) ବ୍ୟାକରଣ -Grammar- 20 Marks
ଘ) ସାହିତ୍ୟ -Literature- 35 Marks
ନିର୍ଦ୍ଦେଶ ଅନୁଯାୟୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

## 'କ' ବିଭାଗ – ପଠନ (୧୦)

**୧) ନିମ୍ନଲିଖିତ ଅନୁଚ୍ଛେଦକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(୨x୫=୧୦)**

ଫକୀରମୋହନ ସେନାପତି ଥିଲେ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ମାନସ । ସେ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପ, ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା, ପ୍ରଥମ ଓଡ଼ିଆ ଆତ୍ମଜୀବନୀର ସ୍ରଷ୍ଟା । ଏକାଧାରରେ ସେ ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଅନୁବାଦକ,ସମ୍ପାଦକ ଓ ଆତ୍ମଚରିତର ଲେଖକ । ସେ ମଧ୍ୟ ଥିଲେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର । ୧୮୪୩ ମସିହା ମକର ସଂକ୍ରାନ୍ତି ଦିନ ବ୍ୟାସକବି ଫକୀରମୋହନ ସେନାପତି ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁରରେ ଜନ୍ମ ଗ୍ରହଣ କରିଥିଲେ । ପିତା ଲକ୍ଷ୍ମଣ ସେନାପତି ଓ ମାତା ତୁଳସୀଦେବୀଙ୍କ କୋଳ ମଣ୍ଡନ କରି ସେ ଜନ୍ମ ହୋଇଥିଲେ ମଧ୍ୟ ଅଳ୍ପ ଦିନ ମଧ୍ୟରେ ସେ ଅନାଥ ହୋଇଯାଇଥିଲେ । ଚପଳତା ହୀନ ବାଲ୍ୟ ଓ ଲକ୍ଷ୍ୟହୀନ କୈଶୋରର ଦୟନୀୟ ଜୀବନ ସେ ମାତୃପିତୃ ସ୍ନେହ ବିନା ବିତାଇଥିଲେ । ସେ ତାଙ୍କ ପ୍ରଥମା ପତ୍ନୀଙ୍କୁ ହରାଇବା ପରେ କୃଷ୍ଣାକୁମାରୀଙ୍କ ସହ ଦ୍ୱିତୀୟ ବିବାହ କରିଥିଲେ । ଏହା ପରେ ତାଙ୍କର ସର୍ଜନଶୀଳ ଜୀବନର ବିକାଶ ପ୍ରକ୍ରିୟା ପ୍ରଭାବଶାଳୀ ହୋଇପାରିଥିଲା । ଓଡ଼ିଆ ଭାଷାକୁ ଓଡ଼ିଶା ମାଟିରୁ ବିଲୋପ କରିବା ପାଇଁ ବଙ୍ଗାଳୀମାନେ ଯେଉଁ ଚକ୍ରାନ୍ତ ଆରମ୍ଭ କରିଥିଲେ, ତାହାକୁ ପରାହତ କରିବା ପାଇଁ ସେ ଅବିସ୍ମରଣୀୟ ଉଦ୍ୟମ କରିଥିଲେ । ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ଅଭାବ ପୂରଣ ପାଇଁ ସେ ବହୁ ଶ୍ରମ ସ୍ୱୀକାର କରି କଲିକତାରୁ ଏକ ପୁରୁଣା ପ୍ରିଣ୍ଟିଂ ପ୍ରେସ୍ ଶଗଡ଼ରେ ଆଣିଥିଲେ । ଫକୀରମୋହନଙ୍କ ଆତ୍ମଜୀବନୀ କେବଳ ଏକ ସାହିତ୍ୟିକ କୃତି ନଥିଲା, ଏହା ଥିଲା ଅର୍ଦ୍ଧ ଶତାବ୍ଦୀର ଓଡ଼ିଶାର ଇତିହାସ ।

କ) କେଉଁମାନେ ଓଡ଼ିଆ ଭାଷାକୁ ବିଲୋପ କରିବା ପାଇଁ ଚକ୍ରାନ୍ତ କରିଥିଲେ?
ଖ) ଫକୀରମୋହନ ସେନାପତି କେଉଁ ଯୁଗର ସାହିତ୍ୟକାର ଥିଲେ?
ଗ) ଫକୀରମୋହନ କାହିଁକି କଲିକତାରୁ ପ୍ରିଣ୍ଟିଂ ପ୍ରେସ୍ ଆଣିଥିଲେ?

ଘ) ଫକୀରମୋହନ କିପରି ତାଙ୍କର ବାଲ୍ୟକାଳ ବିତାଇଥିଲେ?

ଙ) ଫକୀର ମୋହନଙ୍କ ଆତ୍ମଜୀବନୀର ବିଶେଷତ୍ୱ କଅଣ?

## ଖ' - ବିଭାଗ (୧୫)

**୨) ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** (୮)

i) ଦେଶ ପ୍ରଗତିରେ ଛାତ୍ରର ଭୂମିକା

ii) ଆତଙ୍କବାଦ ଓ ଏହାର ନିରାକରଣ

iii) ପରିବେଶ ପ୍ରଦୂଷଣ ଓ ଏହାର ପ୍ରତିକାର

**୩)** ଅଘୋଷିତ ବିଦ୍ୟୁତ୍‌କାଟର ପ୍ରତିକାର ପାଇଁ ଟାଟା ପାୱାରର ମୁଖ୍ୟ ଯନ୍ତ୍ରୀଙ୍କୁ ଦରଖାସ୍ତ ଲେଖ । (୭)

କିମ୍ବା

ତୁମେ ଦେଖିଥିବା ଏକ ପ୍ରଦର୍ଶନୀ ସମ୍ପର୍କରେ ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ |

## 'ଗ' - ବିଭାଗ (୨୦ ନମ୍ବର)

**୪) (କ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର କ୍ରିୟା ପଦ ଚିହ୍ନାଅ |(ଯେ କୌଣସି ୨ ଟିର) ( ୧ x ୨=୨ )**

i) ପିଲାଟି ଖାଇଖାଇ ପଡ଼ିଆରେ ବୁଲୁଛି |

ii) ସେମାନେ ଖେଳି ଘରକୁ ଗଲେ |

iii) ଶିକ୍ଷକ ଛାତ୍ରମାନଙ୍କୁ ସାହିତ୍ୟ ପଢାଉଛନ୍ତି ।

**ଖ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର ଅବ୍ୟୟ ଚିହ୍ନାଅ | (ଯେ କୌଣସି ୨ଟିର ) (୧ x ୨=୨)**

i) ଆମେ ପୁରୀ ଗଲୁ ଏବଂ ଜଗନ୍ନାଥଙ୍କ ଦର୍ଶନ କଲୁ |

ii) ହେ ସଭାଜନେ !ମୋ କଥା ମନଦେଇ ଶୁଣ ।

iii) ମୁଁ ଯିବି ନତୁବା ସେ ଯିବ ।

**୫)(କ ) ତଦ୍ଭବ ଶବ୍ଦର ତତ୍ସମ ରୂପ ଲେଖ । (ଯେ କୌଣସି ୩ଟିର) (୧ × ୩ =୩)**

ଘିଅ,ନାଟ,ଗୋଠ, ମାଟି

**ଖ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର ବିଶେଷ୍ୟ ପଦ ଚିହ୍ନାଅ | (ଯେ କୌଣସି ୩ଟିର) (୧ × ୩ =୩)**

i) ମହାନଦୀ ଓଡ଼ିଶାର ବଡ଼ନଦୀ ।

ii) ଶିକ୍ଷକ ଆଗାମୀ ପିଢିର ପିଲାମାନଙ୍କୁ ଗଢନ୍ତି ।

iii) ନିରକ୍ଷରତା ସମୃଦ୍ଧିର ବାଧକ ।

iv) ରାମର ସୁନା ମୁଦିଟି ହଜିଗଲା।

**୬)(କ ) ରେଖାଙ୍କିତ ପଦଗୁଡ଼ିକ କି ପ୍ରକାରର ବିଷେଷଣ ପଦ ଚିହ୍ନାଅ | (ଯେ କୌଣସି ୩ଟିର) (୧ × ୩ =୩)**

i) କଅଁଳ ବଚନ ହୃଦୟ ଜିଣେ ।

ii) ତତଲା ପାଣିରେ ଘର ପୋଡ଼େ ନାହିଁ ।

iii) ବର୍ଷକ ବାର ମାସ ।

iv) ମୁଁ ଭାଗବତର ଦଶମ ସ୍କନ୍ଧ ପଢୁଛି ।

**ଖ)ରେଖାଙ୍କିତ ପଦଗୁଡ଼ିକ ପ୍ରକାରର ସର୍ବନାମ ପଦ ଚିହ୍ନାଅ । (୩ ଟିର) ( ୧ × ୩ =୩ )**

i) ସଭାରେ କିଏ କହିଲେ ?

ii) ଗୀତା <u>ନିଜେ</u> କହିଲା ।

iii) <u>ମୁଁ</u> କଥାଟି କହିଲି ।

iv) ପ୍ରଧାନ ଶିକ୍ଷକ <u>ଯାହା</u> କହିବେ ଅନ୍ୟ ଶିକ୍ଷକ <u>ତାହା</u> କରିବେ ।

**୭) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର । (୪ ଟିର) (୧×୪=୪)**

i) ମିନି ଭାତ ଖାଏ ଓ ବିଦ୍ୟାଳୟକୁ ଯାଏ । (ସରଳ)

ii) ସେ ପାଠ ପଢିବାରୁ ପରୀକ୍ଷାରେ ଭଲ କଲା । (ଯୌଗିକ)

iii) ଯେତେବେଳେ ସୂର୍ଯ୍ୟ ଉଦୟ ହେବେ ସେତେବେଳେ ପଦ୍ମ ଫୁଟିବ । (ସରଳ)

iv) ବସନ୍ତ ଋତୁରେ ଦକ୍ଷିଣ ଦିଗରୁ ମଳୟ ପବନ ବହେ । (ଜଟିଳ)

v) ପିଲାଟି ଯାଉଯାଉ ରାସ୍ତାରେ ପଡ଼ିଗଲା । (ଯୌଗିକ)

## 'ଘ'ବିଭାଗ(୩୫ ନମ୍ବର)

**୮) ସରଳ ଭାଷାରେ ବୁଝାଇ ଲେଖ । ( ଯେ କୌଣସି ୧ଟିର) (୫)**

ବଡ ସ୍ନେହଭରା ଅଥଚ କରୁଣ ସେ ଚାହାଣୀ ।

କିମ୍ବା

ମନୁଷ୍ୟ କେବଳ ନିଜ ପାଇଁ ବଞ୍ଚେ ନାହିଁ ସମାଜ ପାଇଁ ମଧ ବଞ୍ଚେ ।

**୯) ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୩ଟିର) (୨x୩=୬)**

କ) ଲେଖକ ଧର୍ମ କଥା ନ କହି ଆଧାତ୍ମିକ କଥା କାହିଁକି ଉଲ୍ଲେଖ କରିଛନ୍ତି ?

ଖ) କେଉଁ ଭାବନାଟି ପୁରାଣ ଯୁଗରେ ଗୁରୁକୁଳ ଶିକ୍ଷାର ପ୍ରାଣସ୍ୱରୂପ ଥିଲା ?

ଗ) ଆଟ୍ ଓ ଭୀମ୍‌ରୀଡ଼ରେ ଗାନ୍ଧିଜୀ କେଉଁ ଦୃଶ୍ୟ ଦେଖିଥିଲେ ?

ଘ) କାହାକୁ ଆଧାର କରି ସୁରେଶ ବିଚାର କରେ ଓ କାହାର ପରାମର୍ଶ କରେ ?

ଙ) ବୈଜ୍ଞାନିକ ମନୋବୃତ୍ତିର ପ୍ରଧାନ ଅନ୍ତରାୟ କ'ଣ ?

**୧୦ ) ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । (୧ x୪=୪)**

କ) 'ରୋଗୀ ସେବା' ପ୍ରବନ୍ଧଟି କେଉଁ ପୁସ୍ତକରୁ ଆସିଅଛି ?

i) ଜହ୍ନମାମୁ ii) ମିନିର ମନକଥା

iii) ଗାନ୍ଧି ମହାରାଜାଙ୍କ ଶିଷ୍ୟ iv) ଆଦିବାସୀ କଥା

ଖ) 'ଅତୀତକୁ ଉଦ୍.ବୋଧଇ ବୃଥା ଭାଳି ଭାଳି' ଏହା କାହାର ରଚନା ?

i) ଶତ୍ରୁଘ୍ନ ନାଥ ii) ମଧୁସୂଦନ ରାଓ iii) ମଧୁସୂଦନ ଦାସ iv) ଗୋପବନ୍ଧୁ ଦାସ

ଗ) 'ଲୁଣ ହେଉଛି ରାଷ୍ଟ୍ରର ଆତ୍ମସମ୍ମାନର ପ୍ରତୀକ' ଏ କଥା କିଏ କହିଥିଲେ ?

i) ମହାତ୍ମା ଗାନ୍ଧି ii) ଲାଲବାହାଦୁର ଶାସ୍ତ୍ରୀ

iii) ଗୋପବନ୍ଧୁ ଦାସ iv) ମଧୁସୂଦନ ଦାସ

ଘ) ଲୋକମାନେ ଡାକ୍ତରଙ୍କ ପାଖକୁ ନଯାଇ ଗୁଣିଆ ପାଖକୁ ଯାଆନ୍ତି କାହିଁକି?

i) ବିଜ୍ଞାନର ଉନ୍ନତି ହେତୁ ii) ଗୁଣିଆ ରୋଗକୁ ଶୀଘ୍ର ଭଲ କରି ଦେଉଥିବାରୁ

iii) ଡାକ୍ତରମାନେ କେବଳ କଟାକଟି କରୁଥିବାରୁ iv) ମନରେ ଅନ୍ଧବିଶ୍ୱାସ ଥିବା ହେତୁ

**୧୧) ସପ୍ରସଙ୍ଗ ସରଳାର୍ଥ ଲେଖ ।** **(୫)**

ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ,ତାକୁ ଭଲ ପାଏ ।

କିମ୍ବା

ସୀତାଠାରୁ ପତିବ୍ରତା ଶିକ୍ଷା କର ଏହି କଥା,
ଶିଖାଇ ମହିଳାଗଣେ ସୁଯଶ ଲୋଡ଼ ।

**୧୨) ସଂକ୍ଷେପରେ ଉତ୍ତର ଲେଖ । (୩ଟିର)** **(୨x୩=୬)**

କ) ଭାଷାର ଉନ୍ନତି ନ ହେଲେ ଆମର କି କି ଅସୁବିଧା ହେବ ?

ଖ) ଜାତୀୟପତାକା ଆମ ଜାତିର ଟେକ ରଖିବ କିପରି ?

ଗ) ଅଯୋଧ୍ୟାକୁ ଫେରି ଭରତ କିପରି ଭାବରେ ରାଜ୍ୟ ଶାସନ କଲେ ?

ଘ) ଶ୍ରୀକୃଷ୍ଣ କେଉଁ ବିଷୟରେ ବର୍ଣ୍ଣନା କରୁଥିଲେ ?

ଙ) ଶେଷରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି'ବୋଲି ସମ୍ବୋଧନ କଲେ କାହିଁକି?

**୧୩) ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** **(୧x୪=୪)**

କ) ଗଙ୍ଗାଧର ମେହେରଙ୍କୁ କ'ଣ ମର୍ମାହତ କରିଥିଲା ?

i) ଜଡ଼ତା ଓ ଉଦ୍ୟମହୀନତା ii) ସାହସିକତା

iii) ଜାତୀୟତା iv) ନିର୍ଭୀକତା

ଖ) ଜାତୀୟ ପତାକାକୁ କ'ଣ ମନେ ନ କରିବାକୁ କବି କହିଛନ୍ତି ?

i) ଖଦଡ଼ କନା ii) ସାର୍ଟ କନା

iii) ଛାର କନା iv) ପ୍ୟାଣ୍ଟ କନା

ଗ) ବିଶ୍ୱାମିତ୍ର ବଶିଷ୍ଠଙ୍କ ପାଦତଳେ କିପରି ପଡ଼ିଗଲେ ?

i) ବାତ୍ୟା ଆକ୍ରାନ୍ତ ଶାଗୁଆନ ଗଛ ପରି ii) ବାତ୍ୟା ଆକ୍ରାନ୍ତ ପିଆଶାଳ ଗଛ ପରି

iii) ବାତ୍ୟା ଆକ୍ରାନ୍ତ ଚାକୁଣ୍ଡା ଗଛ ପରି iv) ବାତ୍ୟା ଆକ୍ରାନ୍ତ ଶାଳ ଗଛ ପରି

ଘ) 'ବୃକ୍ଷମାହାତ୍ମ୍ୟ' କବିତାରେ ଶ୍ରୀକୃଷ୍ଣ କେଉଁମାନଙ୍କୁ ବୃକ୍ଷର ମହତ୍ତ୍ୱ ସମ୍ବନ୍ଧରେ କହିଛନ୍ତି ?

i) ପିତାମାତାଙ୍କୁ ii) ଗୁରୁଙ୍କୁ

iii) ସଖାମାନଙ୍କୁ iv) ପଣ୍ଡିତମାନଙ୍କୁ

**୧୪) ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ ।** **(୫)**

କ) ଏକାଙ୍କିକାର ନାମ ଆହୁତି କାହିଁକି ରଖାଯାଇଛି ?

ଖ) ଅଜାଗା ଘା' ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ-ଏହି ଉକ୍ତିଟି କେଉଁ ମର୍ମରେ କୁହାଯାଇଛି ?

xxxxxxxxxxx